# ରେଙ୍ଗାଲି ତହସିଲଦାରଙ୍କ ଅଦାଲତ, ରେଙ୍ଗାଲି

ବିବିଧ (Misc.) ମୋକଦ୍ଦମା ସଂଖ୍ୟା . ୦୫/୨୦୨୬

## ସର୍ବସାଧାରଣ ଇସ୍ତାହାର

ପ୍ରୋସେସ ସଂଖ୍ୟା. ୬୧୪ ତାରିଖ: ୩୦.୦୩.୨୦୨୬

ଏତଦ୍ ଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି ଯେ ମୌଜା – ଲପଙ୍ଗା ଅନ୍ତର୍ଗତ ନିମ୍ନ ସୂଚୀତ ସରକାରୀ ଜମିକୁ ଉପ ନିବନ୍ଧକ ସମବାୟ ସମିତି ସମୂହ, ସମ୍ବଲପୁର (DRCS, Sambalpur), ପ୍ରାଥମିକ କୃଷି ସମବାୟ ସମିତି, ଲପଙ୍ଗା ପାଇଁ ଜମି ହସ୍ତାନ୍ତରଣ ନିମନ୍ତେ ଅତ୍ର କାର୍ଯାଳୟରେ ଦରଖାସ୍ତ ଦାଖଲ କରିଛନ୍ତି । ଆବେଦନ କରାଯାଇଥିବା ନିମ୍ନ ତଫସିଲ ଭୁକ୍ତ ଜମି ସରକାରୀ ସର୍ବ ସାଧାରଣ ଖାତାରେ ହାଟ କିସମରେ ରେକର୍ଡ ଥିବାରୁ ଉକ୍ତ ଜମିକୁ ଆବେଦନକାରୀଙ୍କ ନାମରେ ହସ୍ତାନ୍ତର କରିବା ପାଇଁ କିସମ ପରିବର୍ତନ କରିବା ଆବଶ୍ୟକ ପଡୁଅଛି ଓ ତତ ଅନୁଯାଇ ପଦକ୍ଷେପ ନିଆ ଯିବ ।

ଏଥିରେ ଯଦି କୌଣସି ବ୍ୟକ୍ତି ବିଶେଷଙ୍କର କିଛି ଆପତ୍ତି ଅଭିଯୋଗ ଥାଏ ତାହାହେଲେ ଏହି ନୋଟିସ ପ୍ରକାଶନର ୧୫ (ପନ୍ଦର)ଦିନ ଭିତରେ ନିମ୍ନ ସ୍ୱାକ୍ଷରକାରୀଙ୍କ କାର୍ଯାଳୟରେ ଲିଖିତ ଆକାରରେ ଟ. ୨୦/- କୋର୍ଟ ଫି ସହିତ ଅଭିଯୋଗ ଦେବାପାଇଁ ଅନୁରୋଧ କରାଯାଉଅଛି । ମିଆଦ ଗତେ କୌଣସି ଦାବୀ ବା ଅଭିଯୋଗ ଗ୍ରହଣୀୟ ହେବନାହିଁ ।

### ତଫସିଲ ଭୁକ୍ତ ଜମି

| ମୌଜା | ଖାତା ନମ୍ବର | ପ୍ଲଟ ନମ୍ବର | ପ୍ରସ୍ତାବିତ ରକବା | କିସମ | ମନ୍ତବ୍ୟ |
|---|---|---|---|---|---|
| ଲପଙ୍ଗା | ୩୭୧ (ସର୍ବ ସାଧାରଣ ) | ୧୯୩୮ ରୁ | ୦.୦୮ | ହାଟ | ସୋମବାର ଦିନ ହାଟ ବସେ |
| ମୋଟ | ୧ ଖାତା | ୧ ପ୍ଲଟ | ୦.୦୮ | | |

ତହସିଲଦାର,ରେଙ୍ଗାଲି
ତହସିଲଦାର
ରେଙ୍ଗାଲି, ସମ୍ବଲପୁର

ଜ୍ଞାପକ ସଂଖ୍ୟା. ୬୧୫ ତା: ୩୦.୦୩.୨୦୨୬

ଏହାର ଏକ କିତା ନକଲ ସମ୍ବଲପୁର ଉନ୍ନୟନ କର୍ତ୍ତୃପକ୍ଷ, ସମ୍ବଲପୁର/ ସଂପୃକ୍ତ ଗ୍ରାମର ମଧ୍ୟସ୍ଥଳିରେ ଜାରିକରିବା ପାଇଁ ରାଜସ୍ୱ ନିରୀକ୍ଷକ ଲପଙ୍ଗାଙ୍କ କାର୍ଯ୍ୟାଳୟ/ ଗ୍ରାମ ପଞ୍ଚାୟତ ଲପଙ୍ଗା ଏବଂ ତହସିଲ କାର୍ଯ୍ୟାଳୟର ନୋଟିସ ବୋର୍ଡରେ ବହୁଳ ପ୍ରସାର ନିମନ୍ତେ ପ୍ରେରଣ କରାଗଲା ।

ଏହାର ଏକକିତା ନକଲ ଜିଲ୍ଲା ଇ-ଗଭର୍ଣ୍ଣନ୍ସ ପରିଚାଳକ, ସମ୍ବଲପୁରଙ୍କ ଅବଗତି ତଥା ବିହିତ କାର୍ଯାନୁଷ୍ଠାନ ଏବଂ ଏହାର ବହୁଳ ପ୍ରସାର ନିମନ୍ତେ ପ୍ରେରଣ କରାଗଲା । ଉପରୋକ୍ତ ସର୍ବସାଧାରଣ ଇସ୍ତାହାରକୁ ସମ୍ବଲପୁର ଜିଲ୍ଲା ୱେବସାଇଟରେ ପ୍ରକାଶନ କରିବା ନିମନ୍ତେ ଅନୁରୋଧ ।

ତହସିଲଦାର,ରେଙ୍ଗାଲି
ତହସିଲଦାର
ରେଙ୍ଗାଲି, ସମ୍ବଲପୁର